# Akashvani, Sambalpur

## SAMBALPURI NEWS EVENING BULLETIN

## 15 June 2024- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୮ ତାରିଖ୍ ଦିନ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୧୭ ନମ୍ବର୍ କିସ୍ତି ଦେବେ ।

୨- ରାଜ୍ୟର୍ ଆଇନ୍ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ଲୋକ୍‌ମାନ୍‌କୁ ଗୁଣାତ୍ମକ ସେବା ଦେବାର୍‌କେ ଦେଲେ ନିର୍ଦ୍ଦେଶ୍ ।

୩- ଆଏବା ମାସ ପହେଲାନୁ କାର୍ଯ୍ୟକାରୀ ହେବା ନୂଆଁ ଫୌଜଦାରୀ ଆଇନ୍ ।

- ନୂଆଁ ଆଇନ୍ ବାବ୍‌ଦେ ସଚେତନତା ଲାଗି ସର୍‌କାରୀ ସ୍ତର୍‌ଥି କରାଯାଉଛେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ।

୪- ସ୍ୱତନ୍ତ୍ର ବିମାନ୍‌ଥି ଓଡ଼ିଶା ଆସ୍‌ଲା କୁଏତ୍ ଅଗ୍ନିକାଣ୍ଡଥି ଜୀବନ୍ ଯାଇଥିବା ୨ ଓଡ଼ିଆଙ୍କର୍ ମରଶରୀର ।

ଆଉର୍

୫- କୃଷିଭିତିକ ଗଣପର୍ବ ରଜର ଦୁଇ ନମ୍ବର୍ ଦିନେ ଆଏଜ୍ ପାଲିତ୍ ହେଉଛେ ରଜ ସଂକ୍ରାନ୍ତି ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନା          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୮ ତାରିଖ୍ ଦିନ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର ହିତାଧିକାରୀମାନ୍‌କୁ ୧୭ ନମ୍ବର୍ କିସ୍ତି ଦେବେ । ଉତର୍‌ପ୍ରଦେଶ୍‌ର ବାରାଣାସୀ ଠାନେ ହେବାର୍‌କେ ଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ଶ୍ରୀ ମୋଦୀ ଡିବିଟି ଜରିଏ ୯ କୋଟି ୨୬ ଲାଖ୍ ନୁ ଅଏତ୍‌କା ହିତାଧିକାରୀମାନ୍‌କର୍ ଏକାଉଂଟ୍‌କେ ପାଖାପାଖି ୨୦ ହଜାର୍ କୋଟି ଟଙ୍କା ଦେବେ । ଇ ବାବ୍‌ଦେ କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ଆର୍ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ୨୦୧୯ ମସିହା ଫେବୃଆରୀ ୨୪ ତାରିଖ୍ ଦିନ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନା ମୁଲ୍ ହେଇଥିଲା । ସବୁପ୍ରକାର୍ ଚାଷୀଙ୍କୁ ଆର୍ଥିକ୍ ସାହାଜ୍ ଦେବାର୍ ଇ ଯୋଜ୍‌ନାର୍ ମୁଲ୍ ଲକ୍ଷ୍ୟ ଆଏ । ଇ ଯୋଜ୍‌ନାଥି ୩ ଟା ଖେପେ ଚାଷୀମାନ୍‌କୁ ବଛର୍‌କ ୬ ହଜାର୍ ଟଙ୍କା ଦିଆଯାଉଛେ । ଏବତକ୍ ୧୧ କୋଟିନୁ ଅଏତ୍‌କା ଚାଷୀଙ୍କୁ ୩ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଛେ ବଲି ଶ୍ରୀ ଚୌହାନ୍ କହିଛନ୍ । ସେ

ଆହୁରି କହିଛନ୍ ଯେ, ବାରାଣାସୀ ନ ହେବାର୍‌କେ ଥିବା ସମାରୋହଥି ଦେଶର୍ ୩୦ ହଜାର୍‌ନୁ ଅଏତ୍‌କା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟମାନ୍‌କୁ କୃଷି ସଖୀ ଭାବେ ପ୍ରମାଣ୍‌ପତ୍ର ଦିଆଯିବା । ଚାଷ୍‌କାମ୍‌ଥି ଚାଷୀମାନ୍‌କୁ ସାହାଜ୍ କର୍‌ବାର୍ ଲାଗି ମହିଳାମାନ୍‌କୁ କୃଷି ସଖୀଭାବେ ନିଯୁକ୍ତ କରାଯାଇଛେ । ସେଥିର୍‌ଲାଗି ଇମାନେ ବଛର୍‌କ ୬୦ ନୁ ୮୦ ହଜାର୍ ଟଙ୍କା କମେଇପାରୁଛନ୍ । ଓଡ଼ିଶା ସହେତେ ୧୨ ଟା ରାଏଜେ କୃଷି ସଖୀ କାର୍ଯ୍ୟକ୍ରମ୍ ଚାଲୁଛେ । ଏବ୍‌ତକ୍ ୭୦ ହଜାର୍ କୃଷି ସଖୀ ଭିତ୍‌ରୁ ୩୪ ହଜାର୍ କୃଷି ସଖୀଙ୍କୁ ସର୍‌କାରୀ ପ୍ରମାଣ୍‌ପତ୍ର ଦିଆଯାଇଛେ । ଇ ଅବ୍‌ସରେ ଦେଶର୍ ୫୦ ଟା କୃଷିବିଜ୍ଞାନ୍ କେନ୍ଦ୍ର ନ ଖାସ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ଇ ଜାଗାମାନ୍‌କେ କେନ୍ଦ୍ରମନ୍ତ୍ରୀମାନେ ଯାଇକରି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କରାବେ ।

ମୁଖ୍ୟମନ୍ତ୍ରୀ- ଆଇନ୍ ଶୃଙ୍ଖଳା ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଏଜେ ଆଇନ୍ ଶୃଙ୍ଖଳା ପରିସ୍ଥିତିର୍ ସମୀକ୍ଷା କରିଛନ୍ । ଇ ସମୀକ୍ଷା ବୈଠକ୍ ନ ପୁଲିସ୍ ମହାନିର୍ଦ୍ଦେଶକଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ

ଲୋକ୍‌ମାନ୍‌କୁ ଗୁଣାତ୍ମକ ସେବା ଯୁଗେଇ ଦେବାର୍ ଉପ୍‌ରେ ଜୋର୍ ଦେଇଛନ୍ । ଲୁକେ ଯେନ୍ତା ଅସୁବିଧାର୍ ସମ୍ମୁଖୀନ୍ ନାଇଁ ହୁଅନ୍ ସେଥିର୍‌ଲାଗି ସତର୍କ ରହେବାର୍‌କେ ସେ ପୁଲିସ୍ ଅଧିକାରୀମାନ୍‌କୁ କହିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଛନ୍ ଯେ, ପୁଲିସ୍ ଲୋକ୍‌ମାନ୍‌କୁ ଭଲ୍ ପାଏଲେ, ପୁଲିସ୍ ଉପ୍‌ରେ ଲୋକ୍‌ମାନ୍‌କର୍ ବିଶ୍ୱାସ୍ ବଢ଼୍‌ବା । ସେଥିର୍‌ଲାଗି ଥାନାକେ ଅଭିଯୋଗ୍ କର୍‌ବାର୍‌କେ ଆସୁଥିବା ଲୋକ୍‌ମାନ୍‌କୁ ଭଲ୍ ବେଭାର୍ ଦେବାର୍ ଉପ୍‌ରେ ସେ ପୁଲିସ୍ କର୍ମଚାରୀମାନ୍‌କୁ ପରାମର୍ଶ ଦେଇଛନ୍ । ବୈଠକ୍ ଉତ୍‌ରୁ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀ କହିଛନ୍, ରାଏଜେ ପୁଲିସ୍‌ର ଥିତି ଆଉ ଆଇନ୍ ଶୃଙ୍ଖଳା ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କୁ ଜନେଇ ଦିଆଯାଇଛେ । ଇତାର୍ ସହେତେ ଆଏବା ଜୁଲାଇନୁ କାର୍ଯ୍ୟକାରୀ ହେବାର୍‌କେ ଥିବାର୍ ୩ ଟା ଗୁରୁତ୍ୱପୂର୍ଣ୍ଣ ଆଇନ୍ ବାବ୍‌ଦେ ଭିଲ୍ ମୁଖ୍ୟମନ୍ତ୍ରୀଙ୍କୁ ଜନେଇ ଦିଆଯାଇଛେ ବଲି ସେ କହିଛନ୍ ।

ନାଗରିକ ନ୍ୟାୟ ସଂହିତା ଆର୍‌ଏନ୍‌ୟୁ / କଟକ୍

ଦେଶେ ଆଏବା ମାସର୍ ପହେଲାନୁ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଆଉ ଭାରତୀୟ ସାକ୍ଷ୍ୟ ଆଇନ୍ କାର୍ଯ୍ୟକାରୀ ହେବା । ବ୍ରିଟିଶ୍ ଅମଲ୍‌ନୁ ଚାଲି ଆସୁଥିବା ୩ ଟା ପୁର୍‌ନା ଆଇନ୍‌କେ ବଦ୍‌ଲାଯାଇଛେ । ଗଲା ବଛର୍

ଡିସେମ୍ବର୍ ମାସେ ସଂଶୋଧିତ୍ ନୂଆଁ ଆଇନ୍ ଲାଗୁ କର୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ ବିଜ୍ଞପ୍ତି ବାହାରିଥିଲା । ଏତ୍କେ ପୁର୍ନା ଆଇପିସି ଆଉ ସିଆର୍ପିସି ଧାରା ଲାଗୁ ନାଇଁ ହୁଏ । ପୁର୍ନା ନିୟମ୍ଥି ଅପରାଧ୍କେ ଗୁରୁତ୍ୱ ଦିଆଯାଉଥିବାର୍ ବେଲେ ନୂଆଁ ଆଇନ୍ଥି ଅପ୍ରାଧ୍ ସାଙ୍ଗେ ନ୍ୟାୟ ବ୍ୟବସ୍ଥାକେ ଅଏତ୍କା ଗୁରୁତ୍ୱ ଦିଆଯିବା । ଇତାର୍ଛଡ଼ା ମାନବାଧିକାର୍ ତଦନ୍ତ୍ଥି ବୈଷୟିକ ଜ୍ଞାନ କୌଶଲ୍ର ବହୁତ୍ଟେ ବେଭାର୍ ଉପ୍ରେ ଜୋର୍ ଦିଆଯିବା । ଇ ବାବ୍ଦେ ଲୋକ୍ମାନ୍କୁ ସଚେତନ୍ କର୍ବାର୍ ଲାଗି ସରକାରୀ ସ୍ତର୍ ନ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ । ଓଡ଼ିଶା ନ ଜୁଲାଇ ୧ ତାରିଖ୍ନୁ ନୂଆଁ ପୁଲିସ୍ ଆଇନ୍ ଲାଗୁ କର୍ବାର୍ ଲାଗି ଭିନ୍ ଭିନ୍ ଖେପେ ଅଧିକାରୀ ଆର୍ କର୍ମଚାରୀମାନ୍କୁ ତାଲିମ୍ ଦିଆଯାଉଛେ । ନୂଆଁ ଆଇନ୍ଥି କେତେଟା ଅପରାଧ୍ କ୍ଷେତ୍ରଥି ଦଣ୍ଡାଦେଶ୍କେ ଆଘର୍ନୁ ଅଏତ୍କା କଡ଼ା କରାଯାଇଛେ । ଇ ନୂଆଁ ଆଇନ୍ ଜରିଏ ଭାରତୀୟ ନ୍ୟାୟ ବ୍ୟବସ୍ଥାଥି ପରିବର୍ତ୍ତନ୍ ଆସ୍ବା ବଲି ଆଶା କରାଯାଉଛେ ।

ସଂସଦ୍ ସ୍ୱତନ୍ତ୍ର ଅଧିବେଶନ୍ ଆର୍ଏନ୍ୟୁ/ କଟକ୍

ନିର୍ବାଚନ୍ ଉତ୍ରୁ ସଂସଦ୍ର ସ୍ୱତନ୍ତ୍ର ଅଧିବେଶନ୍ ଆଏବା ୨୪ ତାରିଖ୍ ଦିନ ମୁଲ୍ ହେଇକରି ଜୁଲାଇ ମାସ ୩ ତାରିଖ୍ ଦିନ

ଶେଷ୍ ହେବା । ଇ ୮ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ସମିଆଥି ଜୁନ୍ ୨୬ ଥି ବାଚସ୍ପତି ନିର୍ବାଚନ୍ ସହେତେ ନୂଆଁ ନିର୍ବାଚିତ ସାଂସଦ୍‌ମାନେ ଶପଥ୍ ନେବେ । ସେଆଡ଼େ ଆଏବା ଜୁଲାଇ ୨୨ ତାରିଖିନୁ ସଂସଦ୍‌ର ମୌସୁମୀ ଅଧିବେଶନ୍ ମୁଲ୍ ହେବା । ସୂଚ୍‌ନା ଅନ୍‌ସାରେ ମୌସୁମୀ ଅଧିବେଶନ୍ ଅଗଷ୍ଟ ୯ ତାରିଖିତକ୍ ଚାଲ୍‌ବା । ଇ ଅଧିବେଶନ୍ ସମିଆଥି ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରାଯିବା । ଇଥିର୍‌ଲାଗି ଅର୍ଥମନ୍ତ୍ରଣାଳୟ ଜୁନ୍ ୧୭ ତାରିଖିତକ୍ ଭିନ୍ ଭିନ୍ ମନ୍ତ୍ରଣାଳୟ ଆଉ ଅଲ୍‌ଗା ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ବିଚାର୍‌ବିମର୍ଶ କର୍‌ବେ ବଲି ଜନାପଡ଼ିଛେ ।

କୁଏତ୍ ଅଗ୍ନିକାଣ୍ଡ- ଓଡ଼ିଆ ମୃତଦେହ ଆର୍‌ଏନ୍‌ୟୁ/ କଟକ୍

କୁଏତ୍ ନ ଘଟିଥିବା ଅଗ୍ନିକାଣ୍ଡଥି ଜୀବନ୍ ଯାଇଥିବା ୨ ଓଡ଼ିଆଙ୍କର୍ ମରଶରୀର ଆଏଜ୍ ଓଡ଼ିଶା ନ ପୁହୁଁଚିଛେ । ଗୁଟେ ଖାସ୍ ବିମାନ୍‌ଥି ମୃତ ମହମ୍ମଦ୍ ଜହୁର୍ ଆର୍ ସନ୍ତୋଷ୍ ଗୌଡ଼ଙ୍କର୍ ମରଶରୀର ପୁହୁଁଚିଲା ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା ଆଉ କେବିନେଟ୍ ମନ୍ତ୍ରୀ ପୃଥୀରାଜ୍ ହରିଚନ୍ଦନ୍ ଶେଷ୍ ଦର୍ଶନ୍ କରିଥିଲେ । ଇ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକସନ୍ତପ୍ତ ପରିବାର୍‌କେ ସମବେଦନା ଜନେଇଛନ୍ । ମୃତକ୍‌ମାନ୍‌କର୍

ପରିବାର୍ ଲୁକ୍‌କର୍ ଲାଗି ମୁଖ୍ୟମନ୍ତ୍ରୀ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ସହାୟତା ରାଶି ଘୋଷ୍‌ନା କରିଛନ୍ । ବିଜେପି ରାଜ୍ୟସଭାପତି ମନମୋହନ୍ ସାମଲ୍, ଆସ୍କା ସାଂସଦ୍ ଅନୀତା ଶୁଭଦର୍ଶିନୀ ଆଉ କାମ୍‌ଚଲା ବାଚସ୍ପତି ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ ଭିଲ୍ ଶେଷ୍ ଦର୍ଶନ୍ କରିଥିଲେ । ଦୁହି ମୃତକଙ୍କର୍ ମରଶରୀର ସେମାନ୍‌କର୍ ପୈତୃକ ଗାଁକେ ପଠାଯିବାର୍ ଲାଗି ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଥିବାର୍ ଜନାପଡ଼ିଛେ ।

ବାଲ୍ ସାହିତ୍ୟ ଆଉ ଯୁବ ପୁରସ୍କାର୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସାହିତ୍ୟ ଏକାଡେମୀ ତର୍‌ଫୁ ଇ ବଛର୍ ଲାଗି ବାଲ୍‌ସାହିତ୍ୟ ପୁରସ୍କାର୍ ଆଉ ଯୁବ ପୁରସ୍କାର୍ ଘୋଷ୍‌ନା କରାଯାଇଛେ । ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ୍ ସାମଲ୍‌ଙ୍କୁ ବାଲ୍ ସାହିତ୍ୟ ପୁରସ୍କାର୍ ଦିଆଯିବା । ସେ ଲେଖିଥିବା 'ଗପକଳିକା' ଲାଗି ଇ ପୁରସ୍କାର୍ ପାଏବେ । ସେନ୍ତା କଥାକାର୍ ସଞ୍ଜୟ ପଣ୍ଡାଙ୍କୁ 'ତୁ ବାଇୟା' ବହି ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର୍ ଦିଆଯିବା ।

ପଦ୍ମ ପୁରସ୍କାର୍ ଆବେଦନ ଆର୍‌ଏନ୍‌ୟୁ/ କଟକ୍

ପଦ୍ମପୁରସ୍କାର୍ ୨୦୨୫ ମସିହା ଲାଗି ମନୋନୟନ୍ ପତ୍ର ଆହ୍ୱାନ୍ କରାଯାଉଛେ । ଗୃହ ମନ୍ତ୍ରଣାଳୟ ତର୍‌ଫୁ ସ୍ୱତନ୍ତ୍ର ଭାବେ କରାଯାଇଥିବା ୱେବ୍‌ସାଇଟ୍ ଜରିଏ ଆଗ୍ରହୀ ପ୍ରାର୍ଥୀମାନେ ଆବେଦନ୍ କରିପାର୍‌ବେ । padmaawards.gov.in ୱେବ୍‌ସାଇଟ୍‌ଥି ଅନ୍‌ଲାଇନ୍ ଜରିଏ ସେପ୍ଟେମ୍ବର୍ ୧୫ ତାରିଖ୍‌ତକ୍ ଆବେଦନ୍ କରାଯାଇପାର୍‌ବା । ସେଆଡ଼େ ଅଫ୍‌ଲାଇନ୍ ଆବେଦନ୍ କର୍‌ବାର୍ ଲାଗି ୱେବ୍‌ସାଇଟ୍‌ଥି ମିଳୁଥିବା ଧାରିଜ୍ ଫର୍ମାଟ୍‌ଥି ମନୋନୟନ ପତ୍ର ଇ-ମେଲ୍ ଜରିଏ ଭିଲ୍ ପଠାଯାଇପାର୍‌ବା । ଅଫ୍‌ଲାଇନ୍ ଜରିଏ ଆଏବା ମାସ୍ ୧୫ ତାରିଖ୍‌ତକ୍ ଆବେଦନ୍ କରାଯାଇପାର୍‌ବା ବଲି ସୂଚ୍‌ନା ମିଳିଛେ ।

ରଜ ଆର୍‌ଏନ୍‌ୟୁ ସମ୍ବଲପୁର୍/ ବୌଦ୍ଧ ସମ୍ବାଦଦାତା

କୃଷିଭିତିକ ଗଣପର୍ବ ରଜ ପରବର ଆଏଜ୍ ଦୁଇ ନମ୍ବର୍ ଦିନର୍ ରଜ ସଂକ୍ରାନ୍ତିଥି ଗାଁ ନୁ ସହର୍ ଉତ୍ସବମୁଖର ହେଇଛେ । ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଇଥିର୍‌ଲାଗି କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ଇ ପରବ୍ ୩ ଦିନ୍ ତକ୍ ପାଲନ୍ ହେସି । ଗଲାକାଏଲ୍ ପହିଲି ରଜ ପାଲନ୍ କରାଯାଇଥିବାର୍ ବେଲେ

ଆଏଜ୍ ରଜ ସଂକ୍ରାନ୍ତି ଆଉ ଆଏବା କାଏଲ୍ ଭୂମିଦହନ୍ ପାଲନ୍ କରାଯିବା । ୪ ନମ୍ବର୍ ଦିନେ ବସୁମତୀ ସ୍ନାନ ଉତ୍ସବ୍ ପାଲନ୍ କରାଯାଇକରି ରଜପର୍ବ ଶେଷ୍ ହେବା ।

ସେଆଡ଼େ ବୌଦ୍ଧ ଜିଲ୍ଲା ନ ଗାଁନୁ ସହର୍‌ତକ୍ ରଜ ଉତ୍ସବ୍ ପାଲନ୍ କରାଯାଉଛେ । ଖାସ୍ କରି ବୌଦ୍ଧ ସହର୍ ଆର୍ ହର୍‌ଭଙ୍ଗା ବ୍ଲକ୍‌ର ବହୁତ୍‌ଟେ ଗାଁ ନ ଉତ୍ସ୍ନାକିଥି ରଜ ପରବ୍ ପାଲନ୍ କରାଯାଉଛେ । ଟୁକେଲ୍‌ମାନେ ଦୁଲି ଖେଲ୍‌ବାର୍ ସହେତେ ଘରେ ପୋଡ଼୍‌ପିଠା, କାକ୍‌ରା, ମୁଢ଼ି ନଡ଼ିଆ ଖାଇକରି ରଜ ପର୍ବ ମନଉଛନ୍ ।

ରେଲ୍‌ଲାଇନ୍ କାମ୍ ଯାଂଚ୍      ବୌଦ୍ଧ ସମ୍ବାଦଦାତା

ସୋନ୍‌ପୁର୍ ଆଉ ବୌଦ୍ଧ ଜିଲ୍ଲାର୍ ଝାର୍‌ମୁଣ୍ଡା ରେଲ୍‌ଷ୍ଟେସନ୍ ଭିତ୍‌ରେ ତିଆର୍ ହେଇଥିବା ନୂଆଁ ରେଲ୍‌ଲାଇନ୍‌ର କାମ୍ ଯାଂଚ୍ କରାଯିବାର୍ ସହେତେ ସ୍ପିଡ୍ ରେଲ୍‌ର ଟ୍ରାଏଲ୍ ରନ୍ କରାଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ଦକ୍ଷିଣ ପୂର୍ବାଂଚଲ୍ ସର୍କଲ୍‌ର ରେଲ୍ ସୁରକ୍ଷା କମିଶନର୍ ବ୍ରିଜେଶ୍ କୁମାର୍ ମିଶ୍ର, ସମ୍ବଲ୍‌ପୁର୍ ଡିଆର୍‌ଏମ୍ ତୁଷାରକାନ୍ତି ପଣ୍ଡା  ଆର୍ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ରହିକରି କାମ୍‌ର ତଦାରଖ୍ କରିଥିଲେ ।

ପ୍ରାଚୀନ କଳାର୍କୀତି- ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନାଗଡ଼୍ ପାଖେ ଥିବା ବନ୍ଧନୁ କାଦୋ ବାହାର୍ କରାଯିବାର୍ ବେଳେ ପ୍ରାଚୀନ କଳାକୀର୍ତି ମିଳିଛେ । ବନ୍ଧ୍‌ନୁ ମିଳିଥିବା ସ୍ତମ୍ଭ, ତ୍ରିଶୂଲ୍, ମାଟି ହାଁଡି ଆର୍ ଶିବଲିଙ୍ଗ ପୂର୍ବ ମଧ୍ୟଯୁଗୀୟ ୩ ଖ୍ରୀଷ୍ଟାବ୍ଦନୁ ୧୨ ଖ୍ରୀଷ୍ଟାବ୍ଦ ସମିଆର୍ ବଲି ଅନୁମାନ୍ କରାଯାଉଛେ । ଇ ଜାଗାକେ ଐତିହ୍ୟ ଗବେଷକ ଡକ୍ଟର୍ ଜିତାମିତ୍ର ସିଂହଦେଓ ଆଉ ଡକ୍ଟର୍ ଫନିନ୍ଦମ୍ ଦେଓ ଯାଇକରି ଅନୁଧ୍ୟାନ୍ କରିଛନ୍ ।

ବରିଷ୍ଠ ନାଗରିକ ନିର୍ଯ୍ୟାତନା ସଚେତନତା ଦିବସ୍/ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ନାଗରିକ୍‌ମାନ୍‌କୁ ଭଲ୍ ବେଭାର୍ କର୍‌ବାର୍ ଆଉ ସେମାନ୍‌କୁ ସମ୍ମାନ୍‌ଥି ବଂଚ୍‌ବାର୍ ଲାଗି ସୁଯୋଗ୍ ଦେବାର୍ ଉଦ୍ଦେଶ୍ୟ୍‌ଥି ଆଏଜ୍ ବିଶ୍ୱ ବରିଷ୍ଠ ନାଗରିକ୍ ନର୍ଯ୍ୟାତନା ସଚେତନତା ଦିବସ୍ ପାଲିତ୍ ହେଉଛେ । ଗୁଟେ ସର୍ଭେ ଅନ୍‌ସାରେ ଭାରତ୍ ନ ଫିʼ ୩ ଝନ୍ ବୟସ୍କଙ୍କର୍ ଭିତ୍‌ରେ ଝନ୍‌କର୍ ଆର୍ଥିକ୍ ଅଭାବ୍ ରହିଛେ । ପାଖାପାଖି ୬୫ ପ୍ରତିଶତ୍ ବୟସ୍କ ଆର୍ଥିକ୍ ଦୃଷ୍ଟିନୁ ସୁରକ୍ଷିତ୍ ନାଇଁ ଥିବାର୍ ଜନାପଡ଼ିଛେ । ବଡ଼ଭାଗୀ ବୟସ୍କ ଲୋକ୍ ସମ୍ମାନ୍‌ଜନକ୍ ଜୀବନ୍‌ଯାପନ୍ କର୍‌ବାର ଲାଗି ଦୁସ୍‌ରାମାନ୍‌କର୍ ନିର୍ଭର୍

କର୍‌ଥିସନ୍ । ଭିନ୍ ଭିନ୍ ସମିଆଥି ସେମାନ୍‌କୁ ନିର୍ଯ୍ୟାତନାର୍ ଶିକାର୍ ହେବାର୍‌କେ ପଡ଼ିଥିସି । ହେଲ୍ପ ଏଜ୍ ଇଣ୍ଡିଆ ନାଁର୍ ଗୁଟେ ବେସର୍‌କାରୀ ସଂଗଠନ୍‌ର ରିପୋର୍ଟ ଅନ୍‌ସାରେ ୩୨ ପ୍ରତିଶତ୍ ବୟସ୍କ ମାନ୍‌କର୍ ଆୟ ୫୦ ହଜାର୍ ଟଙ୍କାନୁ କମ୍ ଥିବାର୍ ବେଲେ ୩୧ ପ୍ରତିଶତ୍ ବୟସ୍କ ଲୋକ୍ ସ୍ୱାସ୍ଥ୍ୟ ବୀମା ବିଷେଥି ସଚେତନ୍ ଅଛନ୍ । ସେନ୍ତା ୫୪ ପ୍ରତିଶତ୍ ବୟସ୍କ ୨ଟା ନୁ ଅଏତ୍‌କା ରୋଗ୍‌ଥି ପିଡ଼ିତ ଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୧୭ ତାରିଖ୍‌ନୁ ରାଏଜେ ଜବର୍ ବର୍ଷା ହେବା । ମୌସୁମୀ ଆଗ୍‌କେ ବଢ଼୍‌ବାର୍ ଲାଗି ପାଗ୍ ଅନୁକୁଲ୍ ଥିବାର୍‌ନୁ ବର୍ଷାର୍ ପରିମାଣ୍ ବଢ଼୍‌ବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍, ସୋନ୍‌ପୁର୍, ବୌଦ୍ଧ, ନୂଆପଡ଼ା, ସୁନ୍ଦର୍‌ଗଡ଼୍‌ର ଗୁଟେ ଜୁଡ଼େ ଜାଗା ନ ଜବର୍ ଖରା ହେବା । ସେଆଡ଼େ ଆଏଜ୍ ବାରିପଦା ନ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା ନ ୪୩ ଦଶ୍‌ମିକ୍ ୬, ନୂଆପଡ଼ା ନ ୪୩, ସମ୍ବଲ୍‌ପୁର୍ ନ ୪୨ ଦଶ୍‌ମିକ୍ ୮, ରାଉର୍‌କେଲା ନ ୪୨ ଦଶ୍‌ମିକ୍ ୬, ହୀରାକୁଦ୍ ନ ୪୨ ଦଶ୍‌ମିକ୍ ୫,

ସୋନ୍ପୁର୍ ନ ୪୨ ଦଶ୍ମିକ୍ ୩, ବଲାଙ୍ଗିର୍ ନ ୪୨ ଦଶ୍ମିକ୍ ୨, ଟିଟିଲାଗଡ୍ ଆର୍ ସୁନ୍ଦର୍ଗଡ୍ ନ ୪୨, ବୌଦ୍ଧ ନ ୪୧ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ତାପମାତ୍ରା ରେକର୍ଡ଼ କରାଯାଇଛେ ।